Truth in true form

# AROUND ODISHA

RNI Regd No: ODIENG/2019/77780 BHUBANESWAR www.aroundodisha.com VOLUME - 3 ISSUE - 29 PRICE - Rs. 2/- SUNDAY 11 JUL 2021


# CUO organizes webinar on 'The New Woman Across the Cultures'

(A.O. Bureau)




Koraput, Jul 10: A webinar on 'The New Woman Across the Cultures' was organized by the Internal Quality Assurance Cell (IQAC) of the Central University of Odisha on 09.07.2021. Prof. E. Raja Rao, Visiting Professor, Department of English, delivered a lecture on the above subject as the key speaker. Prof I Ramabrahmam, Vice-Chancellor, CUO conveyed his best wishes for a successful program and hoped the students of language school would able to understand the reflection of the new women in literature across the culture. Chairing the session Prof Sharat Kumar Palita, Dean, SBCNR and Director, IQAC, inaugurated the programme and delivered the inaugural address. He outlined the protagonist of women and was of the opinion that in the new world women stand along with men as individuals endowed equally, if perhaps differently, with moral rights and moral responsibilities. Shri Sanjeet Kumar Das, Head I/c., Dept. of English Language and Literature delivered the introductory note about the speaker, Prof. Rao and explained the relevance of the topic. Prof. Rao began his address, emphasizing the fact that the concept of the New Woman is an off-shoot of Feminism, as promulgated by the Radical feminists like Helene Cixous and Luce Irigaray. He elaborated the century-long injustice towards women, oppression and suppression of the women in domesticity and outside, their status in the society as the Other – all this is responsible for the emergence of The New Woman who aspires for total liberation and freedom, without any encumbrance of traditional and conventional confinements.


Contacts: Dr. Phagunath Bhoi, Public Relations Officer, Central University of Odisha, Koraput
Mo. 7873234023, E-mail: pro@cuo.ac.in

ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ଜୁଲାଇ ୧୧/୨୦୨୧ (୧୨ ପୃଷ୍ଠା+ଛୁଟିଦିନ) Rayagada, Sunday, July 11/2021 ★
୧୧ଶ ଭାଗ ୧୫୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ୱେବିନାର

**କୋରାପୁଟ,୧୦।୭(ସ୍ୱ.ପ୍ର.)**

ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ନିଶ୍ଚିତତା ସେଲ (ଆଇକ୍ୟୁଏସି) ପକ୍ଷରୁ ସମଗ୍ର ସଂସ୍କୃତିରେ ନୂତନ ମହିଳା ଶୀର୍ଷକ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମ ଯୋଗଦେଇ ନିଜ ବକ୍ତବ୍ୟରେ ଭାଷା ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଂସ୍କୃତିରେ ନୂତନ ମହିଳାଙ୍କ ସାହିତ୍ୟରେ ପ୍ରତିଫଳନ ବୁଝିବାରେ ସକ୍ଷମ ହେବେ ବୋଲି ଆଶାବ୍ୟକ୍ତ କରିଥିଲେ । ଜୈବବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାପୀଠର ଡିନ ତଥା ଆଇକ୍ୟୁଏସିର ନିର୍ଦ୍ଦେଶକ ପ୍ରଫେସର ଶରତ କୁମାର ପାଲିତା ଅଧ୍ୟକ୍ଷତା କରିଥିଲେ। ନୂତନ ଦୁନିଆରେ ମହିଳାମାନେ ନୈତିକ ଅଧିକାର ଓ ନୈତିକ ଦାୟିତ୍ୱର ସହିତ ପୁରୁଷମାନଙ୍କ ସହ ସମକକ୍ଷ । ତେବେ ଭିନ୍ନ ଭିନ୍ନ କ୍ଷେତ୍ରରେ ମହିଳାଙ୍କ ଭୂମିକା ଭିନ୍ନ ବୋଲି ପାଲିତା ପ୍ରକାଶ କରିଥିଲେ। ପ୍ରଫେସର ଇ. ରାଜା ରାଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ନାରୀବାଦୀଙ୍କ ଦ୍ୱାରା ପ୍ରବର୍ତ୍ତିତ ସତ୍ୟ ଉପରେ ଆଲୋଚନା କରିଥିଲେ। ନୂତନ ମହିଳା ସବୁ ସ୍ଥାନରେ ସମାନ ନୁହନ୍ତି ଏବଂ ସେ ପରିବର୍ତ୍ତିତ ସଂସ୍କୃତି ସହିତ ନିଜର ରୂପରେଖ ପରିବର୍ତ୍ତନ କରଥାନ୍ତି ବୋଲି ରାଜାରାଓ କହିଥିଲେ। ପ୍ରଫେସର ଅକ୍ଷୟ ରାଉତ, ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ଓ ପ୍ରଫେସର କେ. କାମେଶ୍ୱର ଯୋଗଦେଇ ଆଲୋଚନାରେ ନିଜ ମତ ରଖିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଅସିତ କୁମାର ଦାସ, ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ, ଡ. ଭି ଆର ବଡିଗରଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।




ୱେବିନାରରେ ଅଂଶଗ୍ରହଣ କରିଥିବା ଅତିଥିମାନେ।

Contacts: Dr. Phagunath Bhoi, Public Relations Officer, Central University of Odisha, Koraput
Mo. 7873234023, E-mail: pro@cuo.ac.in



# ପ୍ରମେୟ
THE PRAMEYA



VOLUME 11 ● ISSUE 71 ● ବର୍ଷ ୧୧ ● ସଂଖ୍ୟା ୭୧
PRINTED AT BHUBANESWAR SAMBALPUR PANIKOILI
ରବିବାର
RNI REGD NO: ODIODI/2011/37619 - POSTAL REGD NO: BN/208/18-20
12 PAGES + ପ୍ରମେୟ ରବିବାର ₹ 7.00
ପୃଷ୍ଠା : ୧୨ 11 JULY 2021 SUNDAY ୧୧ ଜୁଲାଇ ୨୦୨୧ ରବିବାର
JEYPORE ଜୟପୁର ପୃଷ୍ଠା : ୨

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ୱେବିନାର୍

# 'ପରିବର୍ତ୍ତିତ ସଂସ୍କୃତିରେ ନୂତନ ମହିଳା'

କୋରାପୁଟ,୧୦।୭(ଆପ୍ର): ପରିବର୍ତ୍ତନଶୀଳ ଯୁଗରେ ମହିଳାମୁକ୍ତିକୁ ନେଇ ଅନେକ ସ୍ୱର ଉଠିଛି। ମହିଳାଙ୍କ ପ୍ରତି ଶତାବ୍ଦୀଧରି ଚାଲିଥିବା ଅନ୍ୟାୟ, ଅତ୍ୟାଚାର, ଦମନ ସମ୍ପର୍କରେ ମହିଳାମାନେ ନିଜେ ମୁହଁ ଖୋଲିଛନ୍ତି। ଫଳରେ ସାରାବିଶ୍ୱରେ ପୁରୁଷକେନ୍ଦ୍ରୀକ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିପାରିଛି। ନୂତନ ମହିଳାଙ୍କ ଧାରଣା ଏହି ବାମାବାଦ ବା ନାରୀବାଦର ଏକ ପରିଣାମ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆଇକ୍ୟୁଏସି ନିର୍ଦ୍ଦେଶକ ପ୍ରଫେସର ଶରତକୁମାର ପଳିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମଗ୍ର ସଂସ୍କୃତିରେ ନୂତନ ମହିଳା ଶୀର୍ଷକ ୱେବିନାରରେ ବକ୍ତାମାନେ ଏଭଳି ମତବ୍ୟକ୍ତ କରିଛନ୍ତି।




ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ କୁଳପତି ଆଇ.ରାମବ୍ରହ୍ମମ୍ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ। ଭାଷା ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସଂସ୍କୃତିରେ ନୂତନ ମହିଳାଙ୍କ ସାହିତ୍ୟଧାରାକୁ ବୁଝିବାରେ ସକ୍ଷମ ହୋଇପାରିବେ ବୋଲି ଆଶାବ୍ୟକ୍ତ କରିଥିଲେ। ଇଂରାଜୀ ବିଭାଗ ଭିଜିଟିଂ ପ୍ରଫେସର ଇ.ରାଜା ରାଓ ମୁଖ୍ୟବକ୍ତାଭାବେ ଯୋଗଦେଇ ନୂତନ ଦୁନିଆରେ ମହିଳାମାନେ ନୈତିକ ଦାୟିତ୍ୱ ତୁଲାଇବାରେ ପୁରୁଷଙ୍କ ସହ ସମକକ୍ଷ ହୋଇପାରିଛନ୍ତି। ଯଦିବା ଭିନ୍ନ ଭିନ୍ନ କ୍ଷେତ୍ରରେ ମହିଳାଙ୍କ ଭୂମିକା ଭିନ୍ନ ଅଟେ ବୋଲି କହିଛନ୍ତି। ପ୍ର.ରାଓ ୟୁରୋପୀୟ ନାରୀବାଦ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ସେ ଫରାସୀ ବାମାବାଦୀ ଲେଖିକା ହେଲେନ୍ ସିକ୍ସସ, ଲୁସ୍ ଇରିଗାରେ ଓ ସିମୋନ୍ ଡି ବିଭାର୍‌ଙ୍କ ନାରୀବାଦ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାର୍ ତାଙ୍କ 'ଦ ସେକେଣ୍ଡ ସେକ୍ସ'ରେ ନ୍ୟୁ ଓମେନ୍‌ଙ୍କ ସମ୍ପର୍କରେ ଦେଇଥିବା ଅବଧାରଣାକୁ ବୁଝାଇଥିଲେ। କୌଣସି ହସ୍ତକ୍ଷେପ ବିନା ନୂତନ ମହିଳା ନିଜେ ରହିବାକୁ ପସନ୍ଦ କରିଥାନ୍ତି। ଏହି ଅବସରରେ ଭାରତୀୟ ଲେଖିକା ଶଶୀ ଦେଶପାଣ୍ଡେଙ୍କ 'ଦେଟ୍ ଲଙ୍ଗ୍ ସାଇଲେନ୍ସ', କମଳା ଦାସଙ୍କ 'ମାଇ ଷ୍ଟୋରୀ', ଓଡ଼ିଆ ସାହିତ୍ୟର ବହୁଚର୍ଚ୍ଚିତ ସରୋଜିନୀ ସାହୁଙ୍କ 'ଗମ୍ଭୀରିଘର', ପରିମିତା ଶତପଥୀଙ୍କ 'ପ୍ରାପ୍ତି' ପୁସ୍ତକ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ନୂତନ ମହିଳା ସବୁ ସ୍ଥାନରେ ସମାନ ନୁହନ୍ତି। ପରିବର୍ତ୍ତିତ ସଂସ୍କୃତି ସହିତ ନିଜର ରୂପରେଖ ପରିବର୍ତ୍ତନ କରିଥାନ୍ତି ବୋଲି ମୁଖ୍ୟବକ୍ତା ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗ ମୁଖ୍ୟ ସଞ୍ଜିତ କୁମାର ଦାସ, ପ୍ର.ଅକ୍ଷୟ ରାଉତ, ପ୍ର.କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ର.କେ.କାମେଶ୍ୱର, ଡ.ଭି.ଆର୍ ବଡିଗର, କୁଳସଚିବ ପ୍ର.ଅସିତକୁମାର ଦାସ, ଲୋକସମ୍ପର୍କ ଅଧିକାରୀ ଡ.ଫଗୁନାଥ ଭୋଇଙ୍କ ସମେତ ବହୁସଂଖ୍ୟାରେ ଅଧ୍ୟାପକ, ଅଧ୍ୟାପିକା, ଗବେଷକ, ଛାତ୍ରଛାତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

Contacts: Dr. Phagunath Bhoi, Public Relations Officer, Central University of Odisha, Koraput
Mo. 7873234023, E-mail: pro@cuo.ac.in

101 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2021-2023

- Koraput, Sunday 11 July 2021
- କୋରାପୁଟ, ରବିବାର ୧୧ ଜୁଲାଇ ୨୦୨୧
- ଆଜି ମିଥୁନ ୨୭ ଦିନ, ୧୪୨୮ ସାଲ
- ଆଷାଢ଼ ୨୦ ଦିନ, ୧୯୪୩ ଶକାବ୍ଦ, ଶୁକ୍ଳପକ୍ଷ ପ୍ରତିପଦା
- ଭାଗ- ୯୨ ସଂଖ୍ୟା- ୧୮୮
- www.thesamaja.com
  www.samajaepaper.com
  www.samajalive.in

ଟ ୬.୦୦ (୧୬ ପୃଷ୍ଠା)

ସମାଜ®
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, VISAKHAPATNAM




# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସମଗ୍ର ସଂସ୍କୃତିରେ ନୂତନ ମହିଳା ଶୀର୍ଷକ କର୍ମଶାଳା

ସୁନାବେଡ଼ା, ୧୦।୭ (ନିପ୍ର) -ସୁନାବେଡ଼ାସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସମଗ୍ର ସଂସ୍କୃତିରେ ନୂତନ ମହିଳା ଶୀର୍ଷକ ଏକ କର୍ମଶାଳା ଆଭାସି ମାଧ୍ୟମରେ ଆୟୋଜିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଇ ରାମବ୍ରହ୍ମମ ଭାଷା ବିଦ୍ୟାଳୟର ଛାତ୍ରଛାତ୍ରୀ ସଂସ୍କୃତିରେ ନୂତନ ମହିଳାଙ୍କ ସାହିତ୍ୟରେ ପ୍ରତିଫଳନ ବୁଝିବାରେ ସକ୍ଷମ ହେବେ ବୋଲି ଆଶାବ୍ୟକ୍ତ କରିଥିଲେ । ଇଂରାଜୀ ବିଭାଗର ପରିଦର୍ଶକ ପ୍ରଫେସର, ପ୍ରଫେସର ଇ.ରାଜାରାଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହିଳାଙ୍କ ପ୍ରତି ଶତାବ୍ଦୀ ଧରି ଚାଲିଥିବା ଅନ୍ୟାୟ , ଘରୋଇ ହିଂସା ଏବଂ ବାହାରେ ମହିଳାଙ୍କ ପ୍ରତି ଅତ୍ୟାଚାର ଓ ଦମନ, ସେମାନଙ୍କ ସ୍ଥିତି ବିଷୟରେ ଆଲୋକପାତ କରିଥିଲେ । ନୂତନ ମହିଳା ପରିବର୍ତ୍ତିତ ସଂସ୍କୃତି ସହ ନିଜର ରୂପରେଖ ପରିବର୍ତ୍ତନ କରନ୍ତି ବୋଲି କହିଥିଲେ । ପ୍ରଫେସର ଶରତ କୁମାର ପଳିତା କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ପ୍ରଫେସର ଅକ୍ଷୟ ରାଉତ, କୃଷ୍ଣଚନ୍ଦ୍ର ପ୍ରଧାନ ଏବଂ କେ.କାମେଶ୍ୱର ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଡ.ଭି.ଆର ବଡ଼ିଗର ଧନ୍ୟବାଦ ଅର୍ପଣ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଅସିତ କୁମାର ଦାସ, ଲୋକ ସମ୍ପର୍କ ଅଧିକାରୀ ଡ଼. ଫଗୁନାଥ ଭୋଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

SAGAR CEMENT
ସଲିଡ୍ ସିମେଣ୍ଟ
ମାନେ ସଲିଡ୍ ଘର ।
C & F Agent
KUTHARI AGENCY
RLY. GOODS SHED ROAD, BERHAMPUR-8
Mob. : 9437160030

THE ANUPAM BHARAT
ଅନୁପମ ଭାରତ
www.anupambharatonline.com
PUBLISHED FROM ● BRAHMAPUR ● BHUBANESWAR ● RAYAGADA

Contact for:
CTP & MULTI COLOUR PRINTING
-: ADDRESS :-
VIJAYA PRINTERS
2/5, Industrial Estate,
Berhampur, Ganjam
Mob: 9938123461, 9040044928

ବର୍ଷ ୨୫, ଅଙ୍କ ୨୭୭ | ବ୍ରହ୍ମପୁର | ରବିବାର ୨୭ ଜୁନ୍ ୨୦୨୧ | ୧୨ ପୃଷ୍ଠା | ପାଞ୍ଚ ଟଙ୍କା



# ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସମଗ୍ର ସଂସ୍କୃତିରେ ନୂତନ ମହିଳା ଶୀର୍ଷକ ଆଲୋଚନା ଚକ୍ର

କୋରାପୁଟ,୧୦।୭(ଅନୁପମ ମିଡିଆ): ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତା ନିଶ୍ଚିତତା ସେଲ(ଆଇକ୍ୟୁଏସି)ଆନୁକୁଲ୍ୟରେ ସମଗ୍ର ସଂସ୍କୃତିରେ ନୂତନ ମହିଳା ଶୀର୍ଷକ ଏକ ଅନଲାଇନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ।ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଆଇ.ରାମବ୍ରହ୍ମମ ଏକ ସଫଳ କାର୍ଯ୍ୟକ୍ରମ ପାଇଁ ଶୁଭେଛା ଜଣେଇବା ସହ ଭାଷା ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସଂସ୍କୃତିରେ ନୂତନ ମହିଳାଙ୍କ ସାହିତ୍ୟରେ ପ୍ରତିଫଳନ ବୁଝିବାରେ ସକ୍ଷମ ହେବେ ବୋଲି ଆଶାବ୍ୟକ୍ତ କରିଥିଲେ ।ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାପୀଠର ଡିନ ତଥା ଆଇକ୍ୟୁଏସିର ନିର୍ଦ୍ଦେଶକ ପ୍ରଫେସର ଶରତ କୁମାର ପଳିତାଙ୍କ ଅଧ୍ୟକ୍ଷତାରେ ଅନଲାଇନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।ନୂତନ ଦୁନିଆରେ ମହିଳାମାନେ ନୈତିକ ଅଧିକାର ଓ ନୈତିକ ଦାୟିତ୍ୱର ସହିତ ପୁରୁଷମାନଙ୍କ ସହ ସମକକ୍ଷ ଅଟନ୍ତି ଯଦିବା ଭିନ୍ନ ଭିନ୍ନ କ୍ଷେତ୍ରରେ ମହିଳା ମାନଙ୍କ ଭୂମିକା ଭିନ୍ନ ଅଟେ ବୋଲି ସେ ପ୍ରକାଶ କରିଛନ୍ତି ।ନୂତନ ମହିଳାଙ୍କ ଧାରଣା ନାରୀବାଦର ଏକ ପରିଣାମ ଯେପରି ହେଲେନ ସେକ୍ସ ଓ ଲୁସ ଇରିଗାରେଙ୍କ ପରି ମୌଳିକ ନାରୀବାଦୀଙ୍କ ଦ୍ୱାରା ପ୍ରବର୍ତ୍ତିତ ସତ୍ୟ ଉପରେ ଇଂରାଜୀ ବିଭାଗର ପରିଦର୍ଶକ ପ୍ରଫେସର ଇ.ରାଜା ରାଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୁରୁତ୍ୱରୋପ କରିଥିଲେ ।ପ୍ରଫେସର ଅକ୍ଷୟ ରାଉତ ,ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ଓ ପ୍ରଫେସର କେ.କାମେଶ୍ୱର ଯୋଗଦେଇ ଏହି ପ୍ରସଙ୍ଗରେ ନିଜ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ ।ଅଧ୍ୟାପକ , ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନଙ୍କ ସହ କଥାବାର୍ତା ପରେ ଇଂରାଜୀ ଭାଷା ଓ ସାହିତ୍ୟ ବିଭାଗର ଡ.ଭି.ଆର.ବଡିଗର ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳସ୍ଚିବ ପ୍ରଫେସର ଅସିତ କୁମାର ଦାସ ଏବଂ ଲୀାକ ସଂପର୍କ ଅଧିକାରୀ ଡ.ଫଗୁନାଥ ଭୋଇଙ୍କ ସମେତ ବହୁ ସଂଖ୍ୟାରେ ଅଧ୍ୟାପକ , ଅଧ୍ୟାପିକା ,ଗବେଷଣା ବିଦ୍ୱାନ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।



ଘରେ ରୁହନ୍ତୁ ସୁସ୍ଥ ରୁହନ୍ତୁ

କରୋନା ସଂକ୍ରମିତଙ୍କ ସଂଖ୍ୟା
- ବିଶ୍ୱ: ୧୮୭,୦୧୪,୩୧୪
- ଭାରତ: ୩,୦୮,୨୪,୦୧୯
- ଓଡ଼ିଶା: ୯,୩୭,୪୭୦ (+୨,୩୩୪)




ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR

• VOLUME -19 • ISSUE - 17 • BHUBANESWAR • SUNDAY • 11 JULY 2021 • PAGE-12 • ₹ 5.00

• ବର୍ଷ-୧୯ • ସଂଖ୍ୟା-୧୭ • ଭୁବନେଶ୍ୱର • ରବିବାର • ୧୧ ଜୁଲାଇ ୨୦୨୧ • ପୃଷ୍ଠା-୧୨ • ଟ.୫.୦୦ (ସିନ୍ଦୂରା ସହ)

# 'ସମଗ୍ର ସଂସ୍କୃତିରେ ନୂତନ ମହିଳା' ଶୀର୍ଷକ ୱେବିନାର

**କୋରାପୁଟ,୧୦।୭ (ସମିସ)**

ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ୍ (ଆଇକ୍ୟୁଏସି) ଆନୁକୂଲ୍ୟରେ 'ସମଗ୍ର ସଂସ୍କୃତିରେ ନୂତନ ମହିଳା' ଶୀର୍ଷକ ୱେବିନାର ଆୟୋଜିତ ହୋଇଯାଇଛି । ଇଂରାଜୀ ବିଭାଗର ପରିଦର୍ଶକ ପ୍ରଫେସର ଇ. ରାଜା ରାଓ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଉପରୋକ୍ତ ବିଷୟ ଉପରେ ମତବ୍ୟକ୍ତ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଇ ରାମବ୍ରହ୍ମମ୍ ଭାଷା ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ୱେବିନାର ମାଧ୍ୟମରେ ସଂସ୍କୃତିରେ ନୂତନ ମହିଳାଙ୍କ ସାହିତ୍ୟରେ ପ୍ରତିଫଳନ ବୁଝିବାରେ ସକ୍ଷମ ହେବା ନେଇ ଆଶା ବ୍ୟକ୍ତ କରିଥିଲେ । ଜୈବବିବିଧତା ଓ ପ୍ରକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାପୀଠର ଡିନ ତଥା ଆଇକ୍ୟୁଏସିର ନିର୍ଦ୍ଦେଶକ ପ୍ରଫେସର ଶରତ କୁମାର ପଳିତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଏଥିରେ ଅଧ୍ୟକ୍ଷତା କରିଥିଲେ । ନୂତନ ଦୁନିଆରେ ମହିଳାମାନେ ନୈତିକ ଅଧିକାର ଏବଂ ନୈତିକ ଦାୟିତ୍ୱର ସହ ପୁରୁଷମାନଙ୍କ ସହ ସମକକ୍ଷ । ଭିନ୍ନ ଭିନ୍ନ କ୍ଷେତ୍ରରେ ମହିଳାଙ୍କ ଭୂମିକା ଭିନ୍ନ ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ । ଇଂରାଜୀ ଭାଷା ଏବଂ ସାହିତ୍ୟ ବିଭାଗର କାର୍ଯ୍ୟକାରୀ ମୁଖ୍ୟ ସଞ୍ଜିତ କୁମାର ଦାସ କାର୍ଯ୍ୟକ୍ରମର ପ୍ରାସଙ୍ଗିକତା ଉପରେ ବର୍ଣ୍ଣନା କରିଥିଲେ । ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




Contacts: Dr. Phagunath Bhoi, Public Relations Officer, Central University of Odisha, Koraput
Mo. 7873234023, E-mail: pro@cuo.ac.in

## Online News Portal Web Link:

https://pragativadi.com/cuos-iqac-organises-webinar-on-the-new-woman-across-the-cultures/

http://dhunt.in/iJQhI?s=a&uu=0xea23f5e648584350&ss=wsp

https://orissadiary.com/tag/cuo-organizes-webinar-on-the-new-woman-across-the-cultures/amp/

https://in.shafaqna.com/EN/AL/3642190

https://www.prameyanews.com/cuo-organizes-webinar-on-the-new-woman-across-the-cultures/

https://odishabarta.com/iqac-cuoorganizes-webinar-on-the-new-woman-across-the-cultures/